ତାମିଲ୍ ନାଡୁ ରାଜ୍ୟ ଏବଂ ଅନ୍ୟଜଣେ

ବନାମ

ବାଲସୁବ୍ରମଣ୍ୟମ୍

ଫେବୃଆରୀ 20, 2001

[ଏସ୍. ଏନ୍. ବାରିଭା ଏବଂ ଏମ୍. ବି. ଶାହା, ନ୍ୟାୟମୂର୍ତ୍ତିଦ୍ୱୟ]

*ଫୌଜଦାରୀ ଆଇନ*

*ଭାରତର ସମ୍ବିଧାନ- ଧାରା 226 ଏବଂ 21 ପ୍ରତିଷେଧକ ନିବାରକ- ଉଚ୍ଚ ନ୍ୟାୟାଳୟ ଉତ୍ତରଦାତାଙ୍କ ଅଟକକୁ ରଦ୍ଦ କରିଛନ୍ତି - ଚାରୋଟି ଘଟଣା ସମ୍ବନ୍ଧୀୟ ଦସ୍ତାବିଜ ପ୍ରଦାନ ନକରିବା ଆଧାରରେ- ତଥ୍ୟ ଉପରେ ନିର୍ଣ୍ଣୟ ହୋଇଛି, ଅଟକ ଆଦେଶରେ କେବଳ ଗୋଟିଏ ଘଟଣାକୁ ଉଲ୍ଲେଖ କରାଯାଇଛି - ଅଟକ ବୈଧ ଅଟେ- ପୁନଃ ନିର୍ଣ୍ଣୟ ହୋଇଛି, ଏହି ପରିସ୍ଥିତିରେ ଅଟକ ରହିଥିବା ବ୍ୟକ୍ତିଙ୍କ ଅବଶିଷ୍ଟ ଅବଧି ଭୋଗିବାର ଆବଶ୍ୟକତା ନାହିଁ ।*

**ଆବେଦନକାରୀ, ଉତ୍ତରଦାତାଙ୍କ ବିରୋଧରେ ଅଟକ ଆଦେଶ ପାରିତ କରିଥିଲେ, ଯାହାକୁ ଉଚ୍ଚ ନ୍ୟାୟାଳୟ ଏକ ବନ୍ଦୀ ଉପସ୍ଥାପନ ଆଜ୍ଞାଦେଶ ଆବେଦନରେ ଏହି ଆଧାରରେ ରଦ୍ଦ କରିଦେଇଥିଲେ ଯେ ପ୍ରାୟୋଜକ କର୍ତ୍ତୃପକ୍ଷଙ୍କ ସତ୍ୟପାଠରେ ଉଲ୍ଲେଖ କରାଯାଇଛି ଯେ ଅଟକବନ୍ଦୀ ଛଅଟି ମାମଲାରେ ସମ୍ପୃକ୍ତ ଥିଲେ ଏବଂ ଅଟକ ଆଦେଶରେ କୁହାଯାଇଛି ଯେ ଅଟକବନ୍ଦୀ ଚାରୋଟି ଭିନ୍ନ ଭିନ୍ନ ମାମଲାରେ ସମ୍ପୃକ୍ତ ଥିଲେ, ଅଟକବନ୍ଦୀଙ୍କୁ କେବଳ ଗୋଟିଏ ମାମଲାରେ ଦସ୍ତାବିଜର ନକଲ ଦିଆଯାଇଥିଲା, ଯଦିଓ ଅଟକ ରଖିବା କର୍ତ୍ତୃପକ୍ଷ ସମସ୍ତ ଛଅଟି ମାମଲାର ନକଲ ଦେବାକୁ ବାଧ୍ୟ ଥିଲେ ଏବଂ ଅଟକବନ୍ଦୀଙ୍କୁ ତାଙ୍କର ପ୍ରତିରକ୍ଷା କରିବାକୁ ଏକ ପ୍ରଭାବଶାଳୀ ସୁଯୋଗରୁ ବଞ୍ଚିତ କରାଯାଇଥିଲା ।ତେଣୁ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ଆବେଦନ କରାଯାଇଛି ।**

**ଆବେଦନର ଫଏସଲା କରି ଏହି ନ୍ୟାୟାଳୟ**

**ନିର୍ଣ୍ଣୟ ନେଇଛନ୍ତି ଯେ: 1. ଅଟକ ଆଦେଶକୁ ଯତ୍ନର ସହ ପଢ଼ିବା ପରେ ଜଣାପଡୁଛି ଯେ, ଏଥିରେ ଚାରୋଟି ଭିନ୍ନ ଭିନ୍ନ ସ୍ଥାନରେ ଘଟିଥିବା ଚାରୋଟି ଘଟଣା ବିଷୟରେ ଉଲ୍ଲେଖ କରାଯାଇ ନାହିଁ; ବରଂ ଏଥିରେ କେବଳ ସୋବାନପୁରମ୍ ସେକ୍ସନ, କୋସ୍ତାମ୍ପାଟ୍ଟି ବିଟ୍, ମାନାମାଲାଇ ଜଙ୍ଗଲ ଏବଂ ଆନାଇକାଲ୍ ରୋଡ୍‌ରେ ଏକ ଅପରାଧ ଘଟିଥିବା ବିଷୟରେ ଉଲ୍ଲେଖ କରାଯାଇଛି । ଯଦି ଉଚ୍ଚ ନ୍ୟାୟାଳୟ ଠିକ୍ ଭାବରେ ବିଚାର କରିଥାନ୍ତେ, ତେବେ ସେ ବୁଝିପାରିଥାନ୍ତେ ଯେ ଚାରୋଟି ଭିନ୍ନ ସ୍ଥାନରେ ଚାରୋଟି ଘଟଣା ଘଟିନାହିଁ । ଏହା ସ୍ୱୀକାର୍ଯ୍ୟ ଯେ, ଅଟକବନ୍ଦୀଙ୍କୁ ବିରୋଧୀ ମାମଲା ସମ୍ବନ୍ଧୀୟ ଯେଉଁ ଦଲିଲଗୁଡ଼ିକ ଉପରେ ନିର୍ଭର କରାଯାଇଛି, ତାହାର ନକଲ ଯୋଗାଇ ଦିଆଯାଇଛି । ଉଚ୍ଚ ନ୍ୟାୟାଳୟଙ୍କ ପକ୍ଷରୁ ସମ୍ପୂର୍ଣ୍ଣ ବିଚାରବୁଦ୍ଧି ପ୍ରୟୋଗ ନକରିବା ପରିଲକ୍ଷିତ ହୋଇଛି ।**

**2. ଏହି ଅଟକ ଆଦେଶ 1999 ମସିହାର ଥିଲା । 2000 ମସିହା ମାର୍ଚ୍ଚ ମାସରେ ଉଚ୍ଚ ନ୍ୟାୟାଳୟ ଏହାକୁ ରଦ୍ଦ କରିଦେଇଥିଲେ । ଅଟକ ଅବଧି ଶେଷ ହୋଇଛି । ଏହା ଏପରି ଏକ ମାମଲା ନୁହେଁ ଯେଉଁଥିରେ ଅଟକବନ୍ଦୀଙ୍କୁ ଅଟକ ରଖିବାର ଅବଶିଷ୍ଟ ଅବଧି ଭୋଗିବା ପାଇଁ ଆତ୍ମ ସମର୍ପଣ କରାଯିବା ଉଚିତ୍ ।**

ଫୌଜଦାରୀ ଆବେଦନ କ୍ଷେତ୍ରାଧିକାର: ଫୌଜଦାରୀ ଆବେଦନ ସଂଖ୍ୟା 206/2001

10.3.2000 ରେ ମାଡ୍ରାସ ଉଚ୍ଚ ନ୍ୟାୟାଳୟଙ୍କ ଏଚ୍. ସି. ପି. ସଂଖ୍ୟା 869/1999 ରେ ପ୍ରଦାନ କରାଯାଇଥିବା ରାୟ ଏବଂ ଆଦେଶରୁ ଏହି ଆବେଦନ ଆସିଛି ।

ଆର୍. ମୋହନ ଏବଂ ଭି. ଜି. ପ୍ରଗସମ ଆବେଦନକାରୀ ପାଇଁ ।

ଆର୍. ଏସ୍. ସୁରୀ, (ଏ. ସି.) ଏବଂ ଭି. କେ. ଶୈଳେନ୍ଦ୍ର ଉତ୍ତରଦାତାଙ୍କ ପାଇଁ ।

ନ୍ୟାୟାଳୟର ରାୟ ପ୍ରଦାନ କରାଯାଇଥିଲା

**ନ୍ୟାୟମୂର୍ତ୍ତି ଏସ୍. ଏନ୍. ବାରିଭାଙ୍କ** ଦ୍ୱାରା । ଅନୁମତି ମଞ୍ଜୁର କରାଗଲା ।

ପକ୍ଷମାନଙ୍କୁ ଶୁଣାଗଲା ।

ଏହି ଆବେଦନ 2000 ମସିହା ମାର୍ଚ୍ଚ 10 ତାରିଖର ଏକ ଆଦେଶ ବିରୁଦ୍ଧରେ ଅଟେ ।ଏହି ଆଦେଶ ଦ୍ୱାରା 7 ଏପ୍ରିଲ, 1999 ତାରିଖର ଏକ ଅଟକ ଆଦେଶକୁ ଏହି ଆଧାରରେ ରଦ୍ଦ କରିଦିଆଯାଇଛି ଯେ ପ୍ରାୟୋଜକ କର୍ତ୍ତୃପକ୍ଷଙ୍କ ଶପଥ ପାଠରେ ଉଲ୍ଲେଖ କରାଯାଇଛି ଯେ ଅଟକବନ୍ଦୀ ଛଅଟି ମାମଲାରେ ସମ୍ପୃକ୍ତ ଥିଲେ ଏବଂ ଅଟକ ଆଦେଶରେ କୁହାଯାଇଛି ଯେ ଅଟକବନ୍ଦୀ ଚାରିଟି ଭିନ୍ନ ଭିନ୍ନ ମାମଲାରେ ଚାରିଟି ଘଟଣାରେ ସମ୍ପୃକ୍ତ ଥିଲେ । ନିର୍ଣ୍ଣୟ ହୋଇଛି ଯେ ଅଟକବନ୍ଦୀଙ୍କୁ କେବଳ ଗୋଟିଏ ମାମଲାରେ ଦସ୍ତାବିଜର ନକଲ ଦିଆଯାଇଥିଲା ଯଦିଓ ସମସ୍ତ ଛଅଟି ମାମଲାରେ ଅଟକ କର୍ତ୍ତୃପକ୍ଷ ନକଲ ଦେବାକୁ ବାଧ ଥିଲେ । ତେଣୁ ଏହା ନିର୍ଣ୍ଣୟ ହୋଇଛି ଯେ ଅଟକବନ୍ଦୀ ନିଜକୁ ପ୍ରତିରକ୍ଷା କରିବା ପାଇଁ ଏକ ପ୍ରଭାବଶାଳୀ ସୁଯୋଗରୁ ବଞ୍ଚିତ ହୋଇଥିଲେ । ଏହି ଆଧାରରେ ଅଟକ ଆଦେଶକୁ ଅଗ୍ରାହ୍ୟ କରାଯାଇଥିଲା ।

ଏହା ଠିକ୍ ଯେ ଅଟକ ଆଦେଶ ଜାରି କରିବା ପୂର୍ବରୁ ଅଟକ କର୍ତ୍ତୃପକ୍ଷଙ୍କୁ ନିଜର ବୁଦ୍ଧି ପ୍ରୟୋଗ କରିବାକୁ ପଡ଼ିଥାନ୍ତା । ତେବେ, ଏହା ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ ଯେ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 226 ଅନୁଯାୟୀ ଏକ ବନ୍ଦୀ ଉପସ୍ଥାପନ ଆଜ୍ଞାଦେଶ ଆବେଦନର ଶୁଣାଣି କରୁଥିବା ନ୍ୟାୟାଳୟ ମଧ୍ୟ ଏକ ଅଟକ ଆଦେଶକୁ ରଦ୍ଦ କରିବା ପୂର୍ବରୁ ନିଜର ବିଚାର କରିବାର ବୁଦ୍ଧି ପ୍ରୟୋଗ କରନ୍ତି । ନିଃସନ୍ଦେହରେ, ପ୍ରାୟୋଜକ କର୍ତ୍ତୃପକ୍ଷଙ୍କ ଦ୍ୱାରା ଦାଖଲ ହୋଇଥିବା ଶପଥ ପାଠରେ ଛଅଟି ମାମଲା ଉପରେ ନିର୍ଭର କରାଯାଇଛି । ତେବେ ଅଟକ କର୍ତ୍ତୃପକ୍ଷ ଛଅଟି ମାମଲା ଉପରେ ନିର୍ଭରଶୀଳ ହୋଇନାହାନ୍ତି । ଏହା ଦର୍ଶାଏ ଯେ ଅଟକ କର୍ତ୍ତୃପକ୍ଷ ନିଜର ବୁଦ୍ଧି ପ୍ରୟୋଗ କରିଥିଲେ ଏବଂ କେବଳ ପ୍ରାୟୋଜକ କର୍ତ୍ତୃପକ୍ଷଙ୍କ ଦ୍ୱାରା ଯାହା କୁହାଯାଇଥିଲା ତାହା ଅନୁସରଣ କରିନଥିଲେ ।

ଆକ୍ଷେପିତ ଆଦେଶର ପାରା 2 ରେ ଏହାକୁ ନିମ୍ନଲିଖିତ ଭାବେ ବର୍ଣ୍ଣନା କରାଯାଇଛି:

"2. ଅଟକ ରଖିବାର କାରଣ ବିଷୟରେ ପାରା 3 ର ଉପ-ପାରା 2 ରେ ଏହାକୁ ଏହିପରି ବର୍ଣ୍ଣନା କରାଯାଇଛି:

"ଚନ୍ଦନ କାଠ ଏବଂ ଅନ୍ୟାନ୍ୟ ପ୍ରଜାତି ତଥା ବନ୍ୟଜନ୍ତୁରେ ସମୃଦ୍ଧ ସୋବାନାପୁରମ୍, କୋସ୍ପାମପଟ୍ଟି, ମାନାମାଲାଇ, ଆନାଇକ୍କାଲରେ ସେ ଉପରୋକ୍ତ ଅପରାଧ କରିଛନ୍ତି ।"

ଅଟକବନ୍ଦୀ ଜଣକ ଚାରୋଟି ଭିନ୍ନ ଭିନ୍ନ ଘଟଣାରେ ସମ୍ପୃକ୍ତ ଥିବା ଜଣାପଡ଼ିଛି............ ।"

ଉପରୋକ୍ତ ଉଦ୍ଧୃତ ବିବୃତିରୁ ଏହା ଏହି ସିଦ୍ଧାନ୍ତରେ ଉପନୀତ ହୋଇଛି ଯେ ଚାରୋଟି ଭିନ୍ନ ଭିନ୍ନ ସ୍ଥାନରେ ଚାରୋଟି ଘଟଣା ଘଟିଥିଲା । ତେବେ, ସେହି ସମାନ ଅଟକ ଆଦେଶ ମଧ୍ୟ ନିମ୍ନମତେ ନିର୍ଦ୍ଧାରିତ ହୋଇଛି:

"16-3-99 ରେ ଏକ ନିର୍ଭରଯୋଗ୍ୟ ସୂଚନା ପାଇ, ପେରାମ୍ବାଲୁରର ବନଖଣ୍ଡ ଅଧିକାରୀ ଏବଂ ଥୁରାଇୟୁର ବନଖଣ୍ଡର ଦାୟିତ୍ୱରେ ଥିବା ଅଧିକାରୀ, ନିଜ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଦଳ ଗଠନ କରି, ସନ୍ଧ୍ୟା ପ୍ରାୟ 5 ଟା ସମୟରେ ସୋବାନାପୁରମ୍ ସେକ୍ସନ, କୋପାମ୍ପଟ୍ଟି ବିଟ୍, ମାନମଲାଇ ସଂରକ୍ଷିତ ଜଙ୍ଗଲର ଜୀ ରାସ୍ତାରେ ବନ ଅପରାଧ ସମ୍ବନ୍ଧୀୟ ଚଢ଼ାଉ କରିବାକୁ ଯାଇଥିଲେ ।"

ତେଣୁ ଏହା ସ୍ପଷ୍ଟ ଯେ ସୋବାନାପୁରମ୍ ହେଉଛି ଏକ ବନ ଖଣ୍ଡ, କୋପ୍ପାମପଟ୍ଟି ହେଉଛି ଏକ ଉପ-ବନଖଣ୍ଡ, ମନମାଲାଇ ହେଉଛି ଏକ ସଂରକ୍ଷିତ ଜଙ୍ଗଲ ଏବଂ ଆନାଇକ୍କାଲ୍ ହେଉଛି ରାସ୍ତାର ଏକ ନାମ । ଏକ ଯତ୍ନଶୀଳ ପଠନ ଦର୍ଶାଏ ଯେ ଅଟକ ଆଦେଶ, ଚାରୋଟି ଭିନ୍ନ ଭିନ୍ନ ସ୍ଥାନରେ ଚାରୋଟି ଘଟଣା ବିଷୟରେ ଉଲ୍ଲେଖ କରେ ନାହିଁ, କିନ୍ତୁ କେବଳ ଉଲ୍ଲେଖ କରେ ଯେ ସୋବାନାପୁରମ୍ ବନଖଣ୍ଡ, କୋପ୍ପାମ୍ପଟ୍ଟି ଉପ-ବନଖଣ୍ଡ, ମାନାମାଲାଇ ଜଙ୍ଗଲ ଏବଂ ଆନାଇକ୍କାଲ ରୋଡରେ ଏକ ଅପରାଧ ଘଟିଥିଲା । ଯଦି ଉଚ୍ଚ ନ୍ୟାୟାଳୟ ନିଜର ବିଚାର କରିବାର ବୁଦ୍ଧିକୁ ଠିକ୍ ଭାବେ ପ୍ରୟୋଗ କରିଥାନ୍ତେ, ତେବେ ଏହା ହୃଦୟଙ୍ଗମ କରିଥାଆନ୍ତେ ଯେ ଚାରୋଟି ଭିନ୍ନ ଭିନ୍ନ ସ୍ଥାନରେ କୌଣସି ଚାରୋଟି ଘଟଣା ଘଟି ନଥିଲା । ସ୍ୱୀକାରଯୋଗ୍ୟ, ନିର୍ଭର କରାଯାଇଥିବା ପ୍ରତିକୂଳ ମାମଲାର ଦସ୍ତାବିଜଗୁଡ଼ିକର ନକଲ ଅଟକବନ୍ଦୀଙ୍କୁ ଦିଆଯାଇଛି ।

ଆମ ମତରେ, ଉଚ୍ଚ ନ୍ୟାୟାଳୟଙ୍କ ତରଫରୁ ବିଚାର ଜ୍ଞାନର ସମ୍ପୂର୍ଣ୍ଣ ପ୍ରୟୋଗ ହୋଇନାହିଁ । ଉଚ୍ଚ ନ୍ୟାୟାଳୟଙ୍କ ଆକ୍ଷେପିତ ଆଦେଶକୁ ବଜାୟ ରଖାଯାଇପାରିବ ନାହିଁ ଏବଂ ଏହାକୁ ଏତଦ୍ୱାରା ଅଗ୍ରାହ୍ୟ କରାଗଲା ।

ତେବେ, ଏହି ଅଟକ ଆଦେଶ 1999 ମସିହାର ଥିଲା । 2000 ମସିହା ମାର୍ଚ୍ଚ ମାସରେ ଉଚ୍ଚ ନ୍ୟାୟାଳୟ ଏହାକୁ ରଦ୍ଦ କରିଦେଇଥିଲେ । ଅଟକ ଅବଧି ଶେଷ ହୋଇଛି । ଆମ ବିଚାରରେ, ଏହା ଏପରି ଏକ ମାମଲା ନୁହେଁ ଯେଉଁଠାରେ ଅଟକବନ୍ଦୀଙ୍କୁ ଅଟକ ରଖିବାର ଅବଶିଷ୍ଟ ଅବଧି ଭୋଗ ପାଇଁ ଆତ୍ମ ସମର୍ପଣ କରିବା କରାଯିବା ଉଚିତ୍ ।

ତଦନୁସାରେ ଆବେଦନର ଫଏସଲା କରାଗଲା । ଖର୍ଚ୍ଚ ବାବଦରେ କୌଣସି ଆଦେଶ ରହିବ ନାହିଁ ।

ଭି. ଏମ୍. ଆବେଦନର ଫଏସଲା କରାଗଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର:**

***ଶ୍ରୀ ଜଟାଧାରୀ ସେଠୀ***

ଉପବିଭାଗ ଅଧିକାରୀ (ଅନୁବାଦ), ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।